# Akashvani, Sambalpur

## SAMBALPURI NEWS EVENING BULLETIN

## 18 October 2025- 7.02 pm- 7.12 pm.

*********************************************

୧- ସାଇବର୍ ଅପରାଧ୍‌କେ ରୁକ୍‌ବାର୍ ଲାଗି ସଚେତନତା ସବୁନୁ ଶକ୍ତିଶାଳୀ ଅସ୍ତ୍ର -କହେଲେ ମୁଖ୍ୟମନ୍ତ୍ରୀ ।

୨- ନୂଆପଡ଼ା ଉପନିର୍ବାଚନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କଲେ ବିଜେପି ଆଉ କଂଗ୍ରେସ୍ ପ୍ରାର୍ଥୀ ।

୩- ଜମି ସୀମା ନିର୍ଦ୍ଧାରଣ୍ ଲାଗି ଅନ୍‌ଲାଇନଥି ଆବେଦନ୍ କଲେ ମିଲ୍‌ବା ତାରିଖ୍- କହେଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୪- ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ଆଏବା ମଙ୍ଗଲ୍‌ବାର୍‌ତକ୍ ହେଇପାରେ ଆଉ ଗୁଟେ ଲଘୁଚାପ୍ ।

- ତାର୍ ପ୍ରଭାବ୍‌ଥି ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ଲାଗି ୭ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି ।

ସାଇବର୍ ସୁରକ୍ଷା ସଚେତନତା ଅଭିଯାନ       ଭୁବ୍‌ନେଶ୍ୱର୍

ସମାଜ୍ ଲାଗି ଆଏଜ୍ ବଡ଼୍ ଚେଲେଞ୍ଜ୍ ହେଇଥିବା ସାଇବର୍ ଅପରାଧ୍‌କେ ରୁକ୍‌ବାର୍ ଲାଗି  ସଚେତନତା ହେଉଛେ ସବୁନୁ ବଡ଼୍ ଶକ୍ତିଶାଲୀ ଅସ୍ତ୍ର ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ସାଇବର୍ ସୁରକ୍ଷା ସଚେତନତା ଅଭିଯାନ୍ ୨୦୨୫ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଦେଶର୍ ପାଖାପାଖି ୮୨ କୋଟି ଲୋକ୍ ଆଏଜ୍ ଇଂଟର୍‌ନେଟ୍ ବେଭାର୍ କରୁଛନ୍ । ପୁର୍‌ଥି ନ ଇଂଟର୍‌ନେଟ୍ ବେଭାର୍ କ୍ଷେତ୍ରଥି ଭାରତ୍ ୨ ନମ୍ବର୍ ଠାନେ ରହିଛେ । ଆଏଜ୍ ଇଂଟର୍‌ନେଟ୍ ବେଭାର୍‌କାରୀମାନ୍‌କୁ ସାଇବର୍ ଅପରାଧ୍, ଅନ୍‌ଲାଇନ୍ ଠକେଇବାଗିର୍ ଅପରାଧ୍‌ର ଶିକାର୍ ହେବାର୍‌କେ ପଡ୍‌ଡୁଛେ । ଇସବୁକେ ରୁକ୍‌ବାର୍ ଲାଗି ଆମର୍ ସର୍‌କାର୍ ସବୁବେଲେ ଜୋର୍ ଦଉଛନ୍ ଆଉ ସାଇବର୍ ପୁଲିସ୍ ମାନ୍‌କୁ ଶକ୍ତିଶାଲୀ କରିକରି ସଚେତନତା ବୃଦ୍ଧି ଆଉ ସୁରକ୍ଷିତ ଡିଜିଟାଲ୍ ପରିବେଶ୍ ଗଠନ୍ କର୍‌ବାର୍ ବାଗିର୍ ପଦକ୍ଷେପ୍ ମାନ୍ ନିଆଯାଉଛେ ବଲି ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମାସେ ତକ୍ ଚାଲ୍‌ବାର୍‌କେ ଥିବା ଇ ଅଭିଯାନ୍‌ଥି ୧୬ ଟା ସଚେତନତା ରଥ ନୂଆପଡ଼ା ଜିଲ୍ଲାକେ ଛାଡ଼ିକରି ବାକି ସବୁ ଜିଲ୍ଲାମାନ୍‌କେ ବୁଲ୍‌ବା ।

ସାଇବର୍ ସୁରକ୍ଷା ଲାଗି ବିଭାଗ୍‌ଥି ୧୧ ଶହ ୨୭ ଟା ନୂଆଁ ପୁଲିସ୍ ପଦ୍‌ବୀ ସହେତେ ଶହେ ୭୦ ଝନ୍ ଟେକ୍ନିକାଲ୍ ଏକ୍ସପର୍ଟଙ୍କୁ ଖୋବ୍ ଜଲ୍‌ଦି ନିଯୁକ୍ତି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

ଇତାର୍‌ସହେତେ ସାଇବର୍ ଅପରାଧ୍‌କେ ରୁକ୍‌ବାର୍ ଲାଗି ରାଏଜେ ଆଉ ୨୦ ଟା ନୂଆଁ ସାଇବର୍ ଅପରାଧ୍ ପୁଲିସ୍ ଷ୍ଟେସନ୍ କାର୍ଯ୍ୟକ୍ଷମ୍ ହେବା । କାର୍ଯ୍ୟକ୍ରମ୍‌ଥି ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ.ବି. ଖୁରାନିଆ, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆଉ ଅଲ୍‌ଗା ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଅତିରିକ୍ତ ବଜେଟ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ବିଧାନ୍‌ସଭାର୍ ଶୀତକାଳୀନ୍ ଅଧିବେଶନ୍‌ଥି ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଅତିରିକ୍ତ ବଜେଟ୍ ଆନ୍‌ବେ । ଇ ବାବ୍‌ଦେ ଅର୍ଥ ବିଭାଗ୍ ତର୍‌ଫୁ ପ୍ରସ୍ତାବ୍ ଦେବାର୍ ଲାଗି ସବୁ ବିଭାଗୀୟ ମୁଖ୍ୟଙ୍କୁ ଚିଠି କରାଯାଇଛେ । ନିଜର୍ ଦର୍‌କାର୍ ମୁତାବକ୍ ବିଭାଗ୍ ମାନେ

ଆଏବା ୩୧ ତାରିଖ୍‌ତକ୍ ପ୍ରସ୍ତାବ୍ ସବୁକେ ଯୋଜ୍‌ନା ଆଉ ସଂଯୋଜନା ବିଭାଗ୍ ଆର୍ ଅର୍ଥ ବିଭାଗ୍ ପାଶେ ଦାଖଲ୍ କର୍‌ବାର୍ ଲାଗି କୁହାଯାଇଛେ । ୪୦ ପ୍ରତିଶତ୍‌ନୁ କମ୍ ଖର୍ଚ୍ଚା କରିଥିବା ବିଭାଗ୍‌କେ ସାଧାରଣ ବଜେଟ୍‌ଥି ଗ୍ରହଣ୍ ନାଇଁ କରାଯାଏ ବଲି ଚିଠିଥି ଉଲ୍ଲେଖ୍ କରାଯାଇଛେ । ଧାରିଜ୍ ସମିଆ ଶେଷ୍ ହେବାର୍ ଉତ୍‌ରୁ ଆସିଥିବା ପ୍ରସ୍ତାବ୍ ମାନ୍‌କୁ ଗ୍ରହଣ୍ ନାଇଁ କରାଯାଏ । ଇ ବଛର୍ ସେପ୍ଟେମ୍ବର୍‌ତକ୍ ରାଜ୍ୟର୍ ରାଜସ୍ୱ ସଂଗ୍ରହଥି ଗଲାବଛର୍ ତୁଲ୍‌ନା ନ ୨ ପ୍ରତିଶତ୍ ଅଏତ୍‌କା ବଢ଼ିଛେ । ଅତିରିକ୍ତ ଖର୍ଚ୍ଚା ଦାବି ପ୍ରସ୍ତାବ୍ ଉପସ୍ଥାପନ୍ କର୍‌ବାର୍ ବେଲ୍‌କେ ସର୍‌କାରୀ ଯୋଜ୍‌ନା ମାନ୍‌କୁ ବିଚାର୍‌କେ ନେବାର୍ ଲାଗି ବିଭାଗ୍‌କେ ପରାମର୍ଶ ଦିଆଯାଇଛେ ।

## ନୂଆପଡ଼ା ନାମାଙ୍କନ୍ ପତ୍ର ଦାଖଲ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଉପନିର୍ବାଚନ୍ ଲାଗି ଆଏଜ୍ ବିଜେପି ପ୍ରାର୍ଥୀ ଜୟ ଢୋଲ୍‌କିଆ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ନୂଆପଡ଼ା ଖରିଆର୍ ରୋଡ୍ ଠାନୁ ଗୁଟେ ଶୋଭାଯାତ୍ରାଥି ବାହାରିକରି ନୂଆପଡ଼ା ପହଁଚିଲା ଉତ୍‌ରୁ ରିଟର୍ଣ୍ଣିଂ ଅଧିକାରୀଙ୍କର୍ ତର୍‌ଫୁ ସମର୍ଥକ୍ ମାନ୍‌କର୍ ସହେତେ ଶ୍ରୀ ଢୋଲ୍‌କିଆ ନିଜର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଇ ସମିଆଥି ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍, ମନ୍ତ୍ରୀ ରବିନାରାୟଣ୍ ନାଏକ୍, ମନ୍ତ୍ରୀ

ରାମଚନ୍ଦ୍ର ସିଂ ଖୁଂଟିଆ, ବସନ୍ତ କୁମାର୍ ପଣ୍ଡା ପ୍ରମୁଖ ଉପସ୍ଥିତ୍ ଥିଲେ ।

କଂଗ୍ରେସ୍ ପ୍ରାର୍ଥୀ ଘାସିରାମ୍ ମାଝୀ ଭିଲ୍ ତାଙ୍କର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଗୁଟେ ଶୋଭାଯାତ୍ରାଥି ନୂଆପଡ଼ା ନଗର୍ ପରିକ୍ରମା କରିକରି ରିଟର୍ଣ୍ଣିଂ ଅଧିକାରୀଙ୍କର୍ ପାଶେ ନିଜର୍ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ । ପ୍ରାର୍ଥୀପତ୍ର ଦାଖଲ୍ ବେଲ୍କେ ପିସିସି ସଭାପତି ଭକ୍ତଚରଣ୍ ଦାସ ଆଉ କଂଗ୍ରେସ୍ ନେତା ଉପସ୍ଥିତ୍ ଥିଲେ ।

ସେଆଡ଼େ ନିର୍ବାଚନ୍‌ଥି ପ୍ରତିଦ୍ୱନ୍ଦିତା କରୁଥିବା ଝନେ ସ୍ୱାଧୀନ୍ ପ୍ରାର୍ଥୀ ପୁରୁଷୋତମ୍ ବେହେରା ଭିଲ୍ ନିଜର୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେନ୍ତା ବିଜେଡ଼ି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଦଳୀୟ କର୍ମକର୍ତାଙ୍କର୍ ସହେତେ ଜିଲ୍ଲା ନ ପ୍ରଚାର୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ମାସ ୧୧ ତାରିଖ୍ ନୂଆପଡ଼ା ଉପନିର୍ବାଚନ୍ ହେବା ଆଉ ଆଏବା ସୋମ୍‌ବାର୍ ଦିନ ପ୍ରାର୍ଥୀପତ୍ର ଦାଖଲ୍‌ର ଶେଷ୍ ତାରିଖ୍ ରହିଛେ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ-ନୂଆପଡ଼ା     ନୂଆପଡ଼ା ସମ୍ବାଦଦାତା

ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ଆଏଜ୍ ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଥିବା ଇଭିଏମ୍ ଆଉ ଭିଭିପାଟ୍ ଗୁଦାମ୍ ଘର୍ ବୁଲି ଦେଖିବାର୍

ସହେତେ ଆଏବା ଉପନିର୍ବାଚନ୍‌ର ନେସ୍‌ନାଲ୍ କଲେଜ୍ ନ ଥିବା ଭୋଟ୍‌ଗନ୍‌ତି କେନ୍ଦ୍ରର୍ ନିରୀକ୍ଷଣ୍ କରିଛନ୍ । ଇତାର୍ ଉତ୍‌ରୁ ନୂଆପଡ଼ା ନିର୍ବାଚନ୍ ମଣ୍ଡଳୀ ଅଧୀନ୍‌ଥି ଥିବା ଭିନ୍ ଭିନ୍ ବୁଥ୍ ବୁଲି ଦେଖ୍‌ବାର୍ ସହେତେ ବୁଥ୍ ମାନ୍‌କେ ଭୋଟର୍ ମାନ୍‌କର୍ ଲାଗି ଥିବା ସବୁ ପ୍ରକାରର୍ ମୌଲିକ୍ ସୁବିଧାର୍ ତଦାରଖ୍ କରିଛନ୍ ।

ଦିଆଲି ଅତିରିକ୍ତ ଛୁଟି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଆଲୋକର ତିହାର୍ ଦିଆଲି ଅବ୍‌ସରେ ଆଏବା ୨୦ ତାରିଖ୍‌କେ ଅତିରିକ୍ତ ଛୁଟି ଭାବେ ଘୋଷ୍‌ନା କରିଛନ୍ । ଇତାର୍ ଆଘୋନୁ ଘୋଷ୍‌ନା ହେଇଥିବା ୨୧ ତାରିଖ୍ ଛୁଟି ଦିନ୍‌କେ ଭିଲ୍ ବଲବତର୍ ରଖାଯାଇଛେ । ନୂଆପଡ଼ା ଜିଲ୍ଲା ଛଡ଼ା ରାଜ୍ୟର୍ ସବୁ ସର୍‌କାରୀ କାର୍ଯ୍ୟାଳୟ ଇ ଅବ୍‌ସରେ ବନ୍ଦ୍ ରହେବା । ସେଆଡ଼େ ଆଏବା ୨୦ ତାରିଖ୍ ଦିନ ନୂଆପଡ଼ା ଜିଲ୍ଲାର୍ ସବୁ ସର୍‌କାରୀ କାର୍ଯ୍ୟାଳୟ ଆଉ ମାଜିଷ୍ଟ୍ରିଆଲ୍ କୋର୍ଟ ଖୁଲା ରହେବାର୍ ସହେତେ ୨୧ ତାରିଖ୍ ଦିନ ସବୁ ସର୍‌କାରୀ କାର୍ଯ୍ୟାଳୟ ବନ୍ଦ୍ ରହେବା । ସେନ୍ତା ଉଚ୍ଚଶିକ୍ଷା ବିଭାଗ୍ ଆଉ ବିଦ୍ୟାଳୟ, ଗଣଶିକ୍ଷା ବିଭାଗ୍ ତର୍‌ଫୁ ନୂଆପଡ଼ା ଛଡ଼ା ରାଜ୍ୟର୍ ସବୁ ଉଚ୍ଚଶିକ୍ଷାନୁଷ୍ଠାନ୍ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ବିଦ୍ୟାଳୟ ମାନ୍‌କେ ୨୦ ତାରିଖ୍ ଦିନ ଛୁଟି

ଘୋଷ୍ନା କରାଯାଇଛେ । ସେନ୍ତା ଇ ମାସର୍ ୪ ନମ୍ବର୍ ଶନିବାର୍ ୨୫ ତାରିଖ୍‌କେ ରାଜ୍ୟ ସର୍‌କାର କାର୍ଯ୍ୟଦିବସ୍ ଭାବେ ଘୋଷ୍ନା କରିଛନ୍ ।

ଆଦି କର୍ମଯୋଗୀ           ଆର୍‌ଏନ୍‌ୟୁ/ କଟକ୍

ଆଦି କର୍ମଯୋଗୀ ଅଭିଯାନ୍ ଅଧୀନ୍‌ଥି ଓଡ଼ିଶାକେ ଶ୍ରେଷ୍ଠ ପ୍ରଦର୍ଶନ୍‌କାରୀ ରାଜ୍ୟ ଭାବେ ସମ୍ମାନିତ୍ କରାଯାଇଛେ । ଇ ଉଲ୍ଲେଖନୀୟ ସଫଲତା ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ଅନୁସୂଚିତ ଜନଜାତି, ଜାତି, ସଂଖ୍ୟାଲଘୁ ଆଉ ପଛୁଆ ବର୍ଗ କଲ୍ୟାଣ୍ ବିଭାଗ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ୍ କରିଥିବା ଇ ମର୍ଯ୍ୟାଦାଜନକ୍ ସମ୍ମାନ୍ ଆଦିବାସୀ ସମ୍ପ୍ରଦାୟର୍ କଲ୍ୟାଣ୍, ସଶକ୍ତିକରଣ୍ ଆଉ ଅନ୍ତର୍ଭୁକ୍ତିମୂଳକ୍ ବିକାଶ୍ ଲାଗି ଓଡ଼ିଶାର୍ ପ୍ରତିବଦ୍ଧତାର୍ ପ୍ରମାଣ୍ ଆଏ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ଆଦି କର୍ମଯୋଗୀ ଅଭିଯାନ୍ ଅଧୀନ୍‌ଥି ଶ୍ରେଷ୍ଠ ପ୍ରଦର୍ଶନ୍‌କାରୀ ଜିଲ୍ଲା ଭାବେ ମୟୁର୍‌ଭଞ୍ଜ୍ ଜିଲ୍ଲାକେ ସମ୍ମାନିତ୍ କରାଯାଇଛେ । ସେନ୍ତା ଧର୍‌ତୀ ଆବା ଜନଭାଗିଦାରୀ ଅଧୀନ୍‌ଥି ଉଲ୍ଲେଖନୀୟ ପ୍ରଦର୍ଶନ୍ ଲାଗି କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ତର୍‌ଫୁ କେନ୍ଦୁଝର୍ ଜିଲ୍ଲାକେ ସ୍ୱୀକୃତୀ ପ୍ରମାଣ୍‌ପତ୍ର ଦିଆଯାଇଛେ ।

ଜମି ସୀମା ନିର୍ଦ୍ଧାରଣ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଜମି ସୀମା ନିର୍ଦ୍ଧାରଣ୍ - ଡିମାର୍କେସନ୍ ଲାଗି ଅନ୍‌ଲାଇନ୍‌ଥି ଆବେଦନ୍ କଲେ ତାରିଖ୍ ମିଲ୍‌ବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ତହସିଲ୍ ଅଧିକାରୀ, ଅମିନ୍ ଆଉ ପୁଲିସ୍ କର୍ମଚାରୀ ଆସିକରି ଜମି ସୀମା ନିର୍ଦ୍ଧାରଣ୍ କର୍‌ବେ । ୱେବ୍‌ସାଇଟ୍‌ଥି ପଞ୍ଜିକରଣ୍ ଉତ୍‌ରୁ ଦର୍‌କାରୀ ଜମି କାଗଜ୍‌ପତର୍ ସାଙ୍ଗେ ଦେୟ ଦେବାର୍‌କେ ପଡ଼୍‌ବା । ଆବେଦନ୍ ଦାଖଲ୍ ହେବାର୍ ଉତ୍‌ରୁ ତହସିଲ୍‌ଦାର୍ ଆବେଦନ୍‌ର ଯାଂଚ୍ କରିକରି ମୋବାଇଲ୍ ନମ୍ବର୍‌କେ ତାରିଖ୍ ପଠାବେ । ସେହିଦିନ ତହସିଲ୍ ଅଧିକାରୀ ଆଉ ଅମିନ୍ ଜମିର୍ ସୀମା ନିର୍ଦ୍ଧାରଣ୍ କର୍‌ବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ଧନ୍ୱନ୍ତରୀ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

କାର୍ତ୍ତିକ୍ ମାସର୍ ଅନ୍ଧାର୍‌ପଖର୍ ତ୍ରୟୋଦଶୀ ତିଥି ନ ଆଏଜ୍ ଧନ୍ୱନ୍ତରୀ ଦିବସ୍ ପାଳନ୍ କରାଯାଉଛେ । ଦିଆଲିର୍ ୨ ଦିନ୍ ଆଘୋନୁ ଭଗବାନ ଧନ୍ୱନ୍ତରିଙ୍କୁ ଖୁସି କର୍‌ବାର୍ ଲାଗି ଆଝିର୍ ଦିନେ ପୂଜାର୍ଚ୍ଚନା କରାଯାଏସି । ଇ ଦିନ ସୁନା, ରୂପା, ହୀରା ଘିନ୍‌ବାର୍ ବହୁତ୍ ଶୁଭ୍ ବଲି କୁହାଯାଏସି ।

ଧନ୍‌ତେରସ୍ ପରବ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ଶ୍ରୀ ମୋଦୀ ଦେଶ୍‌ବାସୀଙ୍କର୍ ସୁଖ, ସମୃଦ୍ଧି ଆଉ ଉତମ୍ ସ୍ୱାସ୍ଥ୍ୟ କାମ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ଆଝିର୍ ଦିନେ ରାଜ୍ୟର୍ ସବୁ ପରିବାର୍ ସୁଖ୍, ଶାନ୍ତି, ସମୃଦ୍ଧି ଆଉ ଉତମ୍ ସ୍ୱାସ୍ଥ୍ୟ ପାଏବାର୍ ସହେତେ ଚାଷୀ, ଶ୍ରମିକ୍, ମହିଳା ଆଉ ଯୁବପିଢ଼ିଙ୍କର୍ ଲାଗି ସଫଲତାର୍ ବାଟ୍ ଖୁଲୁ ।

ସାଇବର୍ ସୁରକ୍ଷା କେମ୍ପେନ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ପୁଲିସ୍ ତରଫୁ ଆଏଜ୍ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟ ନ ସାଇବର୍ ସୁରକ୍ଷା କେମ୍ପେନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଯୁବବର୍ଗ ଆର୍ ବୟସ୍କମାନେ ଇ ସାଇବର୍ ଅପରାଧ୍‌ର ଶିକାର୍ ହଉଛନ୍ । ଟେକ୍ନୋଲୋଜିଥି ସାଇବର୍ ଅପରାଧୀମାନେ ବହୁତ୍ ଆଗ୍‌ଆଡ଼େ ଅଛନ୍ । ବୟସ୍କ ଲୁକ୍‌କୁ ସେମାନେ ଭିନ୍ ଭିନ୍ ଉପେଥି ଠହଁକେଇକରି ସାଇବର୍ ଜାଲ୍‌ଥି ପକେଇକରି ଅପରାଧ୍ କରୁଛନ୍ । ଇସବୁ ବାବ୍‌ଦେ ଜିଲ୍ଲା ପୁଲିସ୍ ତରଫୁ ଲୁକ୍‌କୁ ସଚେତନ୍ କରାଯାଉଛେ ।

ଆକାଶ୍‌ବାଣୀ-ସ୍ୱଚ୍ଛତା ଅଭିଯାନ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ଆକାଶ୍‌ବାଣୀ ଆଉ ଦୂରଦର୍ଶନ୍ କେନ୍ଦ୍ରର୍ ମିଲିତ୍ ଚେରେଷ୍ଟାଥି ଭବାନୀପାଟ୍‌ନା ପାଶର୍ ଶଗଡ଼ା ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟ ପରିସର୍  ସ୍ୱଚ୍ଛତା ଅଭିଯାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟାଳୟର୍ ଉପ ମହାନିର୍ଦ୍ଦେଶକ୍ ମୁଖ୍ୟ ମଦନ୍ କୁମାର୍ ସିଂ, ବରିଷ୍ଠ ଉଦ୍‌ଘୋଷକ ଆଉ ଭାରପ୍ରାପ୍ତ କାର୍ଯ୍ୟକ୍ରମ ମୁଖ୍ୟ ସଚିଦାନନ୍ଦ ମଲ୍ଲିକ୍, ସହାୟକ ଗ୍ରନ୍ଥାଗାରିକ ଆଉ ସୂଚନା ଅଧିକାରୀ ଦିଲ୍ଲୀପ୍ କୁମାର୍ ପାତ୍ରଙ୍କର୍ ସହେତେ ଦୂରଦର୍ଶନ୍ ଆଉ ଆକାଶ୍‌ବାଣୀର୍ ସବୁ କର୍ମଚାରୀ, ବିଦ୍ୟାଳୟର୍ ଶିକ୍ଷକ୍, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସାମିଲ୍ ହେଇକରି ବିଦ୍ୟାଳୟ ପରିସର୍ ସଫା କରିକରି ନିଜେ ସ୍ୱଚ୍ଛ ରହେମା ଆର୍ ପରିବେଶ୍‌କେ ସଫା ରଖିମା ବାର୍ତା ଦେଇଥିଲେ ।

ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର ଯୋଜ୍‌ନା-ବଲାଙ୍ଗିର୍         ବଲାଙ୍ଗିର୍

ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର ଯୋଜ୍‌ନାଥି ପଶ୍ଚିମ ଓଡ଼ିଶା ନ ପହେଲାକରି ବଲାଙ୍ଗିର୍ ଜିଲ୍ଲା ପୁଇଁତଲା ବ୍ଲକ୍‌ର ମହିମୁଣ୍ଡା ଠାନେ ୧ କିଲୋୱାଟ୍ ରୁଫ୍‌ଟପ୍ ସୋଲର୍ ପେନେଲ୍‌ର ଶୁଭାରମ୍ଭ ହେଇଛେ । ପଶ୍ଚିମ ଓଡ଼ିଶାର୍ ବିଦ୍ୟୁତ୍ ବିତରକ କମ୍ପାନୀ - ଟିପିଡବ୍ଲୁଓଡିଏଲ୍ ତରଫୁ ଥାପ୍‌ନା ହେଇଥିବା ଇ ସୌର ପେନେଲ୍‌କେ ବଲାଙ୍ଗିର୍ ଜିଲ୍ଲାପାଲ୍ ଗୌରବ୍

ଶିଓ୍ୱାଜୀ ଇସଲ୍ଓ୍ୱାର୍ ଶୁଭାରମ୍ଭ କରିକରି ଇଥୁ ବାହାରୁଥିବା ବିଦ୍ୟୁତ୍ ବେଭାର୍ କରିକରି ଗାଁର୍ ଲୁକେ ବିଦ୍ୟୁତ୍ ଦେୟନୁ ମୁକ୍ତି ପାଇପାର୍‌ବେ ବଲି କହିଛନ୍ । ଇ ଯୋଜ୍‌ନାଥି ରାଜ୍ୟ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଉପଭୋକ୍ତାମାନ୍‌କୁ ସବ୍‌ସିଡ଼ି ଦିଆଯାଉଛେ ବଲି ସୂଚ୍‌ନା ମିଲିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ-ପୂର୍ବ ବଙ୍ଗୋପ୍‌ସାଗର୍ ନ ଆଏବା ସୋମ୍‌ବାର୍ ନୁ ଫେର୍‌ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ପଶ୍ଚିମ୍- ଉତର୍-ପଶ୍ଚିମ ଦିଗ୍ ଆଡ଼େ ଯାଇକରି ଇଟା ଅଏତ୍‌କା ଘନୀଭୂତ୍ ହେଇକରି ଅବପାତ୍‌ର ରୂପ୍ ନେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ଲାଗି ୭ ଟା ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।